# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



ଇଣ୍ଡୋନେସିଆ ଏକ ମୁସଲମାନ ବହୁଳ ରାଜ୍ୟ ହେଲେ ମଧ୍ୟ ଭାରତ ସହ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମାନତା ଅଛି ଏହାର । ଏ ସମ୍ପର୍କ ଦୁଇ ସହସ୍ରାବ୍ଦୀ ପୁରୁଣା । ଇଣ୍ଡୋନେସିଆର ବୌଦ୍ଧ ଓ ହିନ୍ଦୁ ମନ୍ଦିର, ବାଲି ଲିପି, ଖାଦ୍ୟ, ମୁଦ୍ରାରେ ଗଣେଶଙ୍କ ଚିତ୍ର ଓ ପରସ୍ପରକୁ ନମସ୍ତେ କହି ସମ୍ଭାଷଣ କରିବା ସବୁଥିରେ ଭାରତର ଝଲକ ଦେଖିବାକୁ ମିଳେ । ମନ୍ଦିର ଗାତ୍ରରେ ରାମାୟଣର ଚିତ୍ର, ନୃତ୍ୟନାଟିକାରେ ରାମାୟଣ ଓ ସମଗ୍ର ପରିବେଶରେ ବୌଦ୍ଧଧର୍ମର ଛାପ ଦେଖିବାକୁ ମିଳେ ଏଠାରେ । ରାସ୍ତାଘାଟର ଅବସ୍ଥା ଠିକ୍ ଭାରତ ପରି, ବୃହତ୍ ଅଂଶ ଉଠା ଦୋକାନ ଦ୍ୱାରା ଜବରଦଖଲ ହୋଇଥାଏ । ମୁସଲମାନ ବହୁଳ ରାଜ୍ୟ ହୋଇଥିଲେ ମଧ୍ୟ ହିନ୍ଦୁ ସଂସ୍କୃତି ଏବଂ ପରମ୍ପରା ସେମାନଙ୍କ ଧମନୀରେ ପ୍ରବାହିତ । ଏହି କାରଣରୁ ଏଠାରେ ରାମଲୀଳା ମୁସଲମାନ କଳାକାରଙ୍କ ଦ୍ୱାରା ପରିବେଶିତ ହୁଏ ।





# ସବୁଠି ଝଲମଲ ଭାରତ

ଇଣ୍ଡୋନେସିଆ ନାମ ହିଁ ଭାରତ ବା ଇଣ୍ଡିଆ ସହ ଏହାର ସମ୍ପର୍କର ପ୍ରମାଣ । ଇଣ୍ଡୋ ଶବ୍ଦ ଆସିଛି ଲାଟିନ୍ ଶବ୍ଦ ଇଣ୍ଡସ୍‌ରୁ, ଯେଉଁ ଶବ୍ଦ ଭାରତ ଅର୍ଥରେ ବ୍ୟବହାର କରାଯାଏ । ନେସିଆ ଆସିଛି ଗ୍ରୀକ୍ ଶବ୍ଦ ନେସୋସ୍‌ରୁ ଯାହାର ଅର୍ଥ ଦ୍ୱୀପ ।



ପୁରାତନ କାଳରେ ଇଣ୍ଡୋନେସିଆକୁ ଭାରତୀୟ ଦୀପ ଭାବରେ ବିବେଚନା କରୁଥିଲେ ସୁଦୂର ୟୁରୋପର ନାବିକମାନେ । ଏହି ନାମ ଅଷ୍ଟାଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି । ସ୍ୱାଧୀନ ଇଣ୍ଡୋନେସିଆ ରାଷ୍ଟ୍ରଗଠନର ଅନେକ ପୂର୍ବରୁ । ଏଠାରେ ଶ୍ରୀବିଜୟ ରାଜବଂଶର ଶାସନ ସମୟରେ ଅନେକ ଇଣ୍ଡୋନେସୀୟ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାର ପ୍ରମାଣ ରହିଛି । ଦକ୍ଷିଣ-ପୂର୍ବ ଏସିଆରେ ହିନ୍ଦୁଧର୍ମର ପ୍ରସାର



ଦୁଇ ଦେଶ ମଧ୍ୟରେ ସମ୍ପର୍କର ସର୍ବପୁରାତନ ସଂଯୋଗକାରୀ । ଭାରତରୁ ସଂସ୍କୃତ ଭାଷା ଓ ପଲଓ୍ୱା ଲିପି ଦ୍ୱାରା ସର୍ବପ୍ରଥମେ ଇଣ୍ଡୋନେସିଆ ଐତିହାସିକ ଯୁଗରେ ପ୍ରବେଶ କରିଥିଲା । ଇଣ୍ଡୋନେସିଆର ପୁରାତନ ରାଜ୍ୟ ଯଥା କୁଟାଇର ୟୁପା, ତରୁମନଗରାର ଟୁଗୁ ଓ କଳିଙ୍ଗର ଐତିହାସିକ ଦସ୍ତାବିଜ୍‌ର ଉପରୋକ୍ତ ଭାଷା ପ୍ରଚଳନର ପ୍ରମାଣ ମିଳିଛି । ଭାରତୀୟ ସଭ୍ୟତା ପ୍ରଭାବିତ ହିନ୍ଦୁ, ବୌଦ୍ଧ ରାଜ୍ୟ ଯଥା ଶ୍ରୀବିଜୟ, ମେଦାଙ୍ଗ, ସୁନ୍ଦା ଓ ମାଜାପାହିଟ୍ ଆଦି ଇଣ୍ଡୋନେସିଆର ପ୍ରଭାବଶାଳୀ ଶାସନ ତନ୍ତ୍ର ଥିଲା । ଏହା ୨୦୦ ମସିହାରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ଶେଷ ହିନ୍ଦୁ ଓ ବୌଦ୍ଧ ଶାସନ ଥିଲା ବାଲିରେ ।

ଭାରତୀୟ ମହାପୁରାଣ ରାମାୟଣ ଓ ମହାଭାରତ ଇଣ୍ଡୋନେସୀୟ ସଂସ୍କୃତି ଓ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛନ୍ତି । ବର୍ତ୍ତମାନ ଦେଶ ମୁସଲମାନବହୁଳ ହୋଇଥିଲେ ବି ଏସବୁ କାବ୍ୟର ଲୋକପ୍ରିୟତା ଅତୁଟ ରହିଛି । ଜାଭାର ପ୍ରମ୍ବନନ୍ ମନ୍ଦିରରେ ପ୍ରତି ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଆସୁଥିବା ରାମାୟଣ ନୃତ୍ୟନାଟିକା ଜାଭା ମୁସଲମାନ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ଇଣ୍ଡୋନେସିଆ ଇତିହାସରେ ହିନ୍ଦୁ-ବୌଦ୍ଧ ସଂସ୍କୃତିର ପ୍ରଭାବ ସର୍ବଶ୍ରେଷ୍ଠ ପ୍ରମାଣ ନବମ ଶତାବ୍ଦୀର ବୋରୋବୁଦ୍ଧୁର ଓ ପ୍ରମ୍ବନନ୍ ମନ୍ଦିର । ଇଣ୍ଡୋନେସିଆ ଇସ୍‌ଲାମ୍ ଆପଣାଇବା ପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପୂର୍ବପରି ଦୃଢ଼ ରହିଛି । ଏହାପଛର କାରଣ ଭାରତରେ ବିଶାଳ ଇସ୍‌ଲାମ ଅବଲମ୍ବୀ ଜନତା ନୁହନ୍ତି ବରଂ ଏହାର ଇସ୍‌ଲାମିକ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଆଦି ମଧ୍ୟ ଭାରତ ଦ୍ୱାରା ପ୍ରଭାବିତ । ବିଶେଷ କରି ସୁମାତ୍ରାର ଇସ୍‌ଲାମିକ୍ ଭାସ୍କର୍ଯ୍ୟ ଭାରତୀୟ ମୋଗଲ ଭାସ୍କର୍ଯ୍ୟ ଦ୍ୱାରା ପ୍ରଭାବିତ । ଆକେହର ବୈତୁରେହମନ୍ ବୃହଦ୍ ମସଜିଦ୍ ଓ ମେଦାନ୍‌ର ଗ୍ରାଣ୍ଡ ମସ୍କ ଏହାର ଉଦାହରଣ । ପ୍ରାଚୀନ କାଳରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଧୁର ଅଛି ।

୧୯୨୭ରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଜାଭା ଓ ବାଲିରେ ଭାରତୀୟ ଦେବଦେବୀଙ୍କ ମୂର୍ତ୍ତି ଦେଖି କହିଥିଲେ- ଏଠି ମୁଁ ଯେଉଁ ଆଡକୁ ଦେଖୁଛି ସେଠି ଭଗବାନଙ୍କ ପ୍ରତିମା । ୨୩ବର୍ଷ ପରେ ୧୯୫୦ ମସିହାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କହିଥିଲେ- ବାଲି ପୃଥିବୀର ସୂର୍ଯ୍ୟୋଦୟ । ୧୯୪୫-୪୯ରେ ଇଣ୍ଡୋନେସୀୟ ଜାତୀୟ ବିପ୍ଳବ ଓ ଗଣତନ୍ତ୍ର ଭାବରେ ପ୍ରତିଷ୍ଠା ସମୟରେ ଭାରତ ଓ ଇଜିପ୍ଟ ଏହାକୁ ସର୍ବପ୍ରଥମେ ସ୍ୱୀକୃତି ଓ ସହଯୋଗ ଦେଇଥିଲେ । ଏପରିକି ଇଣ୍ଡୋନେସିଆର ସ୍ୱାଧୀନତା ପୂର୍ବରୁ ଅଲ୍‌ଇଣ୍ଡିଆ ମୁସଲିମ୍ ଲିଗ୍‌ର ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଆହ୍ୱାନକ୍ରମେ ବ୍ରିଟିଶ-ଭାରତ ସେନାର ମୁସଲମାନ ସୈନିକମାନେ ପର୍ତ୍ତୁଗୀଜ୍‌ମାନଙ୍କ ବିରୋଧରେ ଲଢ଼ି ସ୍ୱାଧୀନତା ହାସଲରେ ସହାୟକ ହୋଇଥିଲେ । ପର୍ତ୍ତୁଗୀଜ୍ ସୈନ୍ୟଙ୍କ ଗହଳରୁ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣ ଓ



ଅନ୍ୟମାନଙ୍କୁ ଉଦ୍ଧାର କରିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ । ୧୯୫୦ ମସିହାରେ ଭାରତର ପ୍ରଥମ ଗଣତନ୍ତ୍ର ଦିବସ ମାରୋହର ମୁଖ୍ୟ ଅତିଥି ଥିଲେ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣ । ତେବେ ଔପଚାରିକ ଭାବରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଆରମ୍ଭ ହୋଇଥିଲା ୧୯୫୧ ମସିହା ମାର୍ଚ୍ଚ ୩ ତାରିଖରେ । ଦୁଇ ହଜାର ବର୍ଷ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ରହିଛି । କେବଳ ୧୯୬୫ ମସିହା ପାକ୍-ଭାରତ ଯୁଦ୍ଧ ସମୟରେ ଇଣ୍ଡୋନେସିଆ ଭାରତର ଦୃଷ୍ଟି କାଶ୍ମୀର ଉପରୁ ହଟାଇବା ନିମନ୍ତେ ଆଣ୍ଡାମାନ୍- ନିକୋବର ଦ୍ୱୀପକୁ କବ୍‌ଜା କରିବା ପାଇଁ ପାକିସ୍ତାନକୁ ସହଯୋଗ କରିଥିଲା । ତେବେ ପରବର୍ତ୍ତୀ ସମୟରେ ଏହି ତିକ୍ତତା ଦୂରେଇ ଯାଇଥିଲା ଓ ଦୁଇ ଦେଶ ମଧ୍ୟରେ ଏକ ସାମୁଦ୍ରିକ ସୀମା ରାଜିନାମା ହୋଇଥିଲା । ଐତିହାସିକ ଭାବରେ ଇଣ୍ଡୋନେସୀୟ ଦ୍ୱୀପପୁଞ୍ଜ ସମୂହ ଭାରତୀୟ ଆଧ୍ୟାତ୍ମିକ ସଭ୍ୟତା ଦ୍ୱାରା ପ୍ରଭାବିତ । ରାମାୟଣ ଇଣ୍ଡୋନେସିଆରେ ବିଶେଷ କରି ବାଲି ଓ ଜାଭାର ନୃତ୍ୟ ଓ ନାଟକର ମୁଖ୍ୟ ବିଷୟବସ୍ତୁ । ଭାରତୀୟ ସଙ୍ଗୀତ, ବଲିଉଡ୍ ସିନେମା ଓ ସଙ୍ଗୀତ ଖୁବ୍ ଲୋକପ୍ରିୟ ଇଣ୍ଡୋନେସିଆରେ ।

ଭାରତୀୟ ବଣିକମାନେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଭାରତୀୟ ଧର୍ମ ଓ ସଂସ୍କୃତି ନିଜ ସହ ନେଇଥିଲେ ଇଣ୍ଡୋନେସିଆର ବିଭିନ୍ନ ଦ୍ୱୀପକୁ । ସପ୍ତମ ଶତାବ୍ଦୀରେ ଦକ୍ଷିଣ ସୁମାତ୍ରାରେ



ଶ୍ରୀବିଜୟ ବୌଦ୍ଧ ସାମ୍ରାଜ୍ୟ ବୋରୋବୁଦ୍ଧୁର ବୌଦ୍ଧ କଳାକୃତି ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ତ୍ରୟୋଦଶ ଶତାବ୍ଦୀରେ ମାଜାପାହିଟ୍ ହିନ୍ଦୁ ସାମ୍ରାଜ୍ୟ ଦୁଇଶହ ବର୍ଷ ଶାସନ କରିଥିଲା । ଏହି ସାମ୍ରାଜ୍ୟ ଇଣ୍ଡୋନେସିଆ ଓ ମାଲୟର କିଛି ଅଂଶକୁ ଏକତ୍ର କରିଥିଲା । ଷୋଡ଼ଶ ଶତାବ୍ଦୀରେ ପୁନଶ୍ଚ ସାମୁଦ୍ରିକ ବଣିକଙ୍କ ଦ୍ୱାରା ଇଣ୍ଡୋନେସିଆକୁ ଇସ୍‌ଲାମ୍ ଆସିଲା ଓ ଯାହାର ପ୍ରଭାବ ଆଜି ମଧ୍ୟ ଅନୁଭୂତ ହେଉଛି । ବିଖ୍ୟାତ



ପରିବ୍ରାଜକ ମାର୍କୋ ପୋଲୋ ୧୨୯୨ ଖ୍ରୀଷ୍ଟାବ୍ଦରେ ଜାଭାକୁ ଆସିଥିଲେ ମାତ୍ର ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ୟୁରୋପୀୟ ବ୍ୟବସାୟୀମାନେ ଏଠାରେ ପହଞ୍ଚି ପାରିନଥିଲେ । କିନ୍ତୁ ମସଲାର ସୁଗନ୍ଧ ଓ ଲୋକପ୍ରିୟତା ସେମାନଙ୍କୁ ଆକର୍ଷିତ କରିଥିଲା ଏଠାକୁ । ପର୍ତ୍ତୁଗୀଜ୍, ଡଚ୍, ସ୍ପେନୀୟ, ଇଂରେଜ, ଜାପାନୀ ସମସ୍ତେ ଏହି ଦ୍ୱୀପପୁଞ୍ଜରେ ପ୍ରାଧାନ୍ୟ ଦେଖାଉଥିଲେ, ଶେଷରେ ୧୯୪୫ରେ ଦେଶ ସ୍ୱାଧୀନତା ଦାବି କଲା । ରାଜଧାନୀ ଡେନ୍‌ପାସର୍‌ରେ ଅନେକ ମନ୍ଦିର ଅଛି, ତେବେ ପ୍ରତି ମନ୍ଦିରରେ ଗୋଟିଏ ବଡ଼ କଇଁଛ ଓ ଦୁଇଟି ସର୍ପର ମୂର୍ତ୍ତି ଅଛି ଯାହା ବିଶ୍ୱ ସର୍ଜନାର ପ୍ରତୀକ ଏଠାରେ ।



ବୋରୋବୁଦ୍ଧୁର ମନ୍ଦିର ରହିଛି ଜାଭାର ମଙ୍ଗେଲାଙ୍ଗ୍ ସହରରେ । ମନ୍ଦିରରେ ବୁଦ୍ଧଙ୍କର ୫୦୪ଟି ପ୍ରତିମା ଅଛି । ମନ୍ଦିରର କେନ୍ଦ୍ରରେ ଥିବା ମୁଖ୍ୟ ମନ୍ଦିରର ଚାରି ପାଖରେ ୭୨ଟି ବୁଦ୍ଧ ପ୍ରତିମା ଅଛି । ଏହା ବିଶ୍ୱର ସବୁଠାରୁ ବଡ଼ ତଥା ପ୍ରସିଦ୍ଧ ବୌଦ୍ଧ ମନ୍ଦିର ।

ଏସବୁ ମୁଦ୍ରା ମଧ୍ୟରେ ଅଛି ଭୂମିସ୍ପର୍ଶ ମୁଦ୍ରା- ତାଙ୍କ ମହାଜ୍ଞାନର ସାକ୍ଷୀ ପୃଥିବୀ, ବରଦମୁଦ୍ରା- ଦାନବୀର ବୁଦ୍ଧଙ୍କ ପ୍ରତୀକ, ଅଭୟ ମୁଦ୍ରା- ସାହସ ଓ ନିର୍ଭୟତା ଦର୍ଶାଏ ବୁଦ୍ଧ ରକ୍ଷାକର୍ତ୍ତା, ଧ୍ୟାନମୁଦ୍ରା- ଏକାଗ୍ର ଧ୍ୟାନମଗ୍ନ ବୁଦ୍ଧ, ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରା- ଗତିମାନ ଧର୍ମଚକ୍ର ବୁଦ୍ଧ ସାରନାଥରେ ଦେଇଥିବା ପ୍ରଥମ ପ୍ରବଚନର ପ୍ରତୀକ, ବିତର୍କ ମୁଦ୍ରା- ତର୍କର ଦ୍ୱିତୀୟ ରୂପ ପୁଣ୍ୟ ବୋଲି ଦର୍ଶାଉଥିବା ବୁଦ୍ଧଙ୍କ ପ୍ରତିମା ।

## ବୋରୋବୁଦ୍ଧୁର

ବୋରୋ ଅର୍ଥାତ୍ ବଡ଼ ଓ ବୁଦ୍ଧୁର ଅର୍ଥାତ୍ ବୁଦ୍ଧ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ବୋରୋବୁଦ୍ଧୁର ବା ବଡ଼ ବୁଦ୍ଧ । ଜାଭା ପ୍ରଦେଶର ଭାଷାରେ ବୁଦ୍ଧୁର ଅର୍ଥ ଉଚ୍ଚପର୍ବତ ମଧ୍ୟ । ଆଉ କିଛି ଭାଷାବିଦ୍‌ଙ୍କ ମତରେ ବୋରୋ ଶବ୍ଦ ବୌଦ୍ଧ ମଠ, ବୌଦ୍ଧ ବିହାରର ଅପଭ୍ରଂଶ ମାତ୍ର । ଏହି ମନ୍ଦିର ପରିବେଷ୍ଟନୀ ଦୁଇଟି ଆଗ୍ନେୟଗିରି ଓ ଦୁଇଟି ନଦୀ ମଧ୍ୟରେ ରହିଛି । ଏହି କାରଣରୁ ଏହାର ମୃତ୍ତିକା ଖୁବ୍ ଉର୍ବର ।

ବୋରୋବୁଦ୍ଧୁର ମନ୍ଦିର ଇଣ୍ଡୋନେସିଆର ଜାଭା ପ୍ରଦେଶର ମଙ୍ଗେଲାଙ୍ଗ ସହରରେ ଅଛି । ନବମ ଶତାବ୍ଦୀରେ ନିର୍ମିତ ହୋଇଥିଲା ଏହି ମନ୍ଦିର । ମନ୍ଦିରରେ ବୁଦ୍ଧଙ୍କର ୫୦୪ଟି ପ୍ରତିମା ଅଛି । ମନ୍ଦିରର କେନ୍ଦ୍ରରେ ଥିବା ମୁଖ୍ୟ ମନ୍ଦିରର ଚାରି ପାଖରେ ୭୨ଟି ବୁଦ୍ଧ ପ୍ରତିମା ଅଛି । ଏହା ବିଶ୍ୱର ସବୁଠାରୁ ବଡ଼ ତଥା ପ୍ରସିଦ୍ଧ ବୌଦ୍ଧ ମନ୍ଦିର । ଶୈଳେନ୍ଦ୍ର ରାଜବଂଶ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ଏଥିରେ ଜାଭା ସ୍ଥାପତ୍ୟକଳାର ଛାପ ସହ ଇଣ୍ଡୋନେସିଆର ପୂର୍ବଜ ପୂଜା ଓ ବୌଦ୍ଧ ଅବଧାରଣାର ମେଳ




ରହିଛି । ମନ୍ଦିରରେ ଗୁପ୍ତ ସ୍ଥାପତ୍ୟର ପ୍ରଭାବ ମଧ୍ୟ ଦେଖିବାକୁ ମିଳେ । ଏହି ତୀର୍ଥସ୍ଥଳର ଯାତ୍ରା ଏକଦମ୍ ତଳ ପର୍ଯ୍ୟାୟର ଆରମ୍ଭ ହୁଏ । ସ୍ମାରକର ଚତୁର୍ଦ୍ଦିଗରେ ବୌଦ୍ଧ ଧର୍ମର ତିନି ପ୍ରତୀକାତ୍ମକ ସ୍ତର କାମଧାତୁ (ଇଚ୍ଛାର ଦୁନିଆ), ରୂପଧାନ (ରୂପର ଦୁନିଆ) ଓ ଅରୂପଧାନ (ନିରାକାର ଦୁନିଆ) ଦେଇ ଶୀର୍ଷରେ ପହଞ୍ଚିବାକୁ ହୁଏ । ବୁଦ୍ଧଙ୍କର ବିଭିନ୍ନ ମୁଦ୍ରାର ପ୍ରତିମା ଏଠାରେ ଆଜିବି ଦେଖିବାକୁ ମିଳେ । ଏସବୁ



ମୁଦ୍ରା ମଧ୍ୟରେ ଅଛି ଭୂମିସ୍ପର୍ଶ ମୁଦ୍ରା- ତାଙ୍କ ମହାଜ୍ଞାନର ସାକ୍ଷୀ ପୃଥିବୀ, ବରଦମୁଦ୍ରା- ଦାନବୀର ବୁଦ୍ଧଙ୍କ ପ୍ରତୀକ, ଅଭୟ ମୁଦ୍ରା- ସାହସ ଓ ନିର୍ଭୟତା ଦର୍ଶାଏ ବୁଦ୍ଧ ରକ୍ଷାକର୍ତ୍ତା, ଧ୍ୟାନମୁଦ୍ରା- ଏକାଗ୍ର ଧ୍ୟାନମଗ୍ନ ବୁଦ୍ଧ, ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରା- ଗତିମାନ ଧର୍ମଚକ୍ର ବୁଦ୍ଧ ସାରନାଥରେ ଦେଇଥିବା ପ୍ରଥମ ପ୍ରବଚନର ପ୍ରତୀକ, ବିତର୍କ ମୁଦ୍ରା- ତର୍କର ଦ୍ୱିତୀୟ ରୂପ ପୁଣ୍ୟ ବୋଲି ଦର୍ଶାଉଥିବା ବୁଦ୍ଧଙ୍କ ପ୍ରତିମା ।

ବର୍ତ୍ତମାନ ଇଣ୍ଡୋନେସିଆ ଏକ



ମୁସଲମାନ ବହୁଳ ଦେଶ । ଦେଶର ୮୭.୫ ପ୍ରତିଶତ ଜନସଂଖ୍ୟା ମୁସଲମାନ ଏବଂ ୩ ପ୍ରତିଶତ ହିନ୍ଦୁ । କିନ୍ତୁ ଏଠାରେ ଦୁଇ ଧର୍ମାବଲମ୍ବୀଙ୍କ ମଧ୍ୟରେ ଫରକ୍ ନାହିଁ । ଏହାର ୨୦ହଜାର ଟଙ୍କିଆ ମୁଦ୍ରା ଉପରେ ଭଗବାନ ଗଣେଶଙ୍କ ଚିତ୍ର ରହିଛି, ପଶ୍ଚାତ ଭାଗରେ ଅଧ୍ୟୟନରତ ଛାତ୍ରଙ୍କ ଚିତ୍ର ରହିଛି ।

## ଦେବାଳୟର ଦ୍ୱୀପ ବାଲି

ବାଲି ଏସିଆ ମହାଦେଶର ସବୁଠାରୁ ସୁନ୍ଦର ଦ୍ୱୀପମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତିବର୍ଷ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କଟାଇବା ପାଇଁ ଏଠାକୁ ଆସନ୍ତି। ଆମ ଦେଶରୁ ପ୍ରତିବର୍ଷ ହଜାର ହଜାର ପରିବାର ବାଲି ଭ୍ରମଣରେ ଯାଆନ୍ତି। ବାଲି ଇଣ୍ଡୋନେସିଆର ଅନ୍ୟତମ ଦ୍ୱୀପ ପ୍ରଦେଶ। ଜାଭାର ପୂର୍ବ ଦିଗରେ ରହିଛି ଏହା। ଲୋମ୍ବକ୍ ବାଲିର ପୂର୍ବରେ ଥିବା ଏକ ଦ୍ୱୀପ। ଏଠାର ବ୍ରାହ୍ମି ଶିଳାଲିପି ଖ୍ରୀଷ୍ଟପୂର୍ବ ୨୦୦ ବର୍ଷ ପୁରାତନ। ବାଲିଦ୍ୱୀପର ନାମକରଣ ବି ଖୁବ୍ ପୁରୁଣା। ୧୪୦୦ ଖ୍ରୀଷ୍ଟାବ୍ଦରେ ଏଠାରେ ମଜାପହିତ ହିନ୍ଦୁ ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା। ଏହି ସାମ୍ରାଜ୍ୟର ପତନ ପରେ ମୁସଲମାନ ସୁଲତାନ୍‌ମାନେ କ୍ଷମତା ଦଖଲ କରିନେଲେ। ମୁସଲମାନମାନଙ୍କ ଶାସନ ସମୟରେ ଇଣ୍ଡୋନେସିଆର ଜାଭା ଓ ଅନ୍ୟ ଦ୍ୱୀପରୁ ଅଭିଜାତ ବର୍ଗର ହିନ୍ଦୁମାନେ ବାଲିକୁ ଚାଲିଆସିଲେ। ତେଣୁ ଏଠାରେ ହିନ୍ଦୁଧର୍ମର ପ୍ରାଧାନ୍ୟ ଆଜିବି ରହିଛି।

୧୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ବାଲି ସ୍ୱାଧୀନ ଥିଲା। ଶେଷରେ ପର୍ତ୍ତୁଗୀଜମାନେ ଏହାକୁ ଦଖଲ କଲେ। ବାଲିର ଜନତାଙ୍କ ମଧ୍ୟରୁ ୯୦ ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ। ବିଶ୍ୱବିଖ୍ୟାତ ପର୍ଯ୍ୟଟନ ସ୍ଥାନ ମଧ୍ୟରେ ସାମିଲ ହୋଇଥିବା ଏହି ଦ୍ୱୀପର କଳା, ସଙ୍ଗୀତ, ନୃତ୍ୟ ଓ ମନ୍ଦିର ମନମୋହକ। ବାଲି ପ୍ରଦେଶର ରାଜଧାନୀ ଦେନପସାର। ଅବୁତ୍ ବାଲିର ମଧ୍ୟଭାଗରେ ଥିବା ଏକ ବିଖ୍ୟାତ ନଗର। ଏହା ବାଲିର କଳା, ସଂସ୍କୃତିର ମୁଖ୍ୟ ସ୍ଥାନ। ଦକ୍ଷିଣ ବାଲିରେ ରହିଛି କୁଟା ସହର। ୨୦୦୨ ମସିହାରେ ଇସ୍ଲାମ ଆତଙ୍କବାଦୀମାନେ ବୋମା ବିସ୍ଫୋରଣରେ ୨୦୨ଜଣଙ୍କ ଜୀବନ ନେଇଥିଲେ। ଜୀମ୍ବରନ୍ ବାଲିର ପ୍ରସିଦ୍ଧ ମତ୍ସ୍ୟଜୀବୀ ଗ୍ରାମ। ବର୍ତ୍ତମାନ ଏହା ପର୍ଯ୍ୟଟନସ୍ଥଳ ପାଲଟି ଯାଇଛି। ଦ୍ୱୀପର ଉତ୍ତର ତଟରେ ରହିଛି ସିଂହରାଜନଗର। ଅଗୁଙ୍ଗ ପର୍ବତ ଏବଂ ବତୁର ଆଗ୍ନେୟଗିରି ରାଜ୍ୟର ଉଚ୍ଚତମ ପର୍ବତ। ଇଣ୍ଡୋନେସିଆ ଏକ ମୁସଲ୍‌ମାନ ବହୁଳ ଦେଶ। କିନ୍ତୁ ବାଲି ହିନ୍ଦୁବହୁଳ ପ୍ରଦେଶ। ଏଠାର ଜନସଂଖ୍ୟା ପ୍ରାୟ ୩୮ ଲକ୍ଷ। ଏଠାର ଲୋକମାନେ ସ୍ଥାନୀୟ ପୋଷାକ ପିନ୍ଧନ୍ତି। କିନ୍ତୁ ସେମାନଙ୍କର ନାମ ସଂସ୍କୃତ ଆଧାରିତ। ଅଧିକାଂଶ ହିନ୍ଦୁ ମହିଳା ମଥାରେ କୁଙ୍କୁମ ଲଗାନ୍ତି। ଏଠାରେ ଅନେକ ହିନ୍ଦୁ ମନ୍ଦିର ଅଛି। ପ୍ରତ୍ୟେକ ଘର ଏବଂ ହୋଟେଲରେ ଛୋଟ ଛୋଟ ମନ୍ଦିର ରହିଛି।

ନୀଳ ସମୁଦ୍ର ଓ ପ୍ରାଚୀନ ମନ୍ଦିରର ଦ୍ୱୀପ ହେଉଛି ବାଲି। ଏହାର ଶାନ୍ତ ସବୁଜ ପରିବେଶ ଉଭୟ ଆଖି ଓ ମନକୁ ବାସ୍ତବିକ ଶାନ୍ତି ଦିଏ। ଏହାର ଜଳବାୟୀ ଉଷ୍ମ। ଜୁଲାଇ-ଅଗଷ୍ଟ ମାସରେ ସବୁଠାରୁ ଅଧିକ ପର୍ଯ୍ୟଟକ ଆସନ୍ତି। ଡେନ୍‌ପାସାର ଠାରୁ ୪୦ କି.ମି. ଦୂରରେ ଅଛି ନୁସାଦୁଆ ନାମକ ସହର। ସାରା ସହରରେ ସବୁଜ ସୁନ୍ଦରର ପାର୍କ, ହିନ୍ଦୁ ପୁରାଣର ଚରିତ୍ର ଓ ନୃତ୍ୟରତା ମହିଳାଙ୍କ ମୂର୍ତ୍ତି ଓ ବିଭିନ୍ନ ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ।

ବିଭିନ୍ନ ଧାର୍ମିକ ଉତ୍ସବରେ ଲୋକମାନେ ମୂର୍ତ୍ତିମାନଙ୍କୁ ପୋଷାକ ପିନ୍ଧାନ୍ତି, ମନ୍ଦିରରେ ମୂର୍ତ୍ତିମାନଙ୍କ ଉପରେ ଛତା ଲଗାଯାଏ। ଏଠାର ଲୋକମାନେ ମୃଦୁଭାଷୀ, ବନ୍ଧୁବତ୍ସଳ ଓ ଧାର୍ମିକ। ଅସଂଖ୍ୟ ପ୍ରାଚୀନ ମନ୍ଦିର ଥିବାରୁ ବାଲିକୁ ସହସ୍ର ମନ୍ଦିରର ଦ୍ୱୀପ ବୋଲି କୁହାଯାଏ। ନୀଳ ସମୁଦ୍ର କୂଳରେ ଥିବ ଉଲୁବତ୍ତୁ ମନ୍ଦିର ପର୍ଯ୍ୟଟକମାନଙ୍କୁ ଖୁବ୍ ଆକର୍ଷିତ କରେ। ଏକାଦଶ ଶତାବ୍ଦୀରେ ନିର୍ମିତ





ଏହି ମନ୍ଦିର ବାଳିକୁ ଦୁଷ୍ଟ ଆତ୍ମାମାନଙ୍କର ପ୍ରଭାବରୁ ରକ୍ଷା କରିବା ପାଇଁ ନିର୍ମିତ ହୋଇଥିଲା। ମନ୍ଦିରଗକୁ ଯିବା ପୂର୍ବରୁ ଅଣ୍ଟାରେ ଏକ ବିଶେଷ କପଡ଼ା ବାନ୍ଧିବାକୁ ହୁଏ। ମନ୍ଦିର ପରିସରରେ ଏକ ଖୋଲା ନାଟମଣ୍ଡପ ଅଛି। ପ୍ରତି ସଂଧ୍ୟାରେ ଏଠାରେ ହିନ୍ଦୁ ପୌରାଣିକ ନାଟକ ମଞ୍ଚସ୍ଥ ହୁଏ। ବାଲିକୁ ବାଟିକ୍ କପଡ଼ା, କାଠ ତିଆରି ସାମଗ୍ରୀ, ସାପ ଚମଡାରୁ ତିଆରି ସାମଗ୍ରୀ, କାଠ ଓ ବାଉଁଶରେ ତିଆରି ନଡ଼ିଆ, ଶାମୁକା ଓ ବାଉଁଶ ତିଆରି ସାମଗ୍ରୀ ଓ ପାରମ୍ପରିକ ବାଦ୍ୟଯନ୍ତ୍ର ପାଇଁ ଜଣାଶୁଣା। ତେବେ ଏଗୁଡ଼ିକ ଟିକେ ଦାମୀ।

ନୁସରା ଦୁଆ ଖୁବ୍ ଶାନ୍ତ ଅଞ୍ଚଳ। ଅନେକ ହୋଟେଲ ଅଛି ଏଠାରେ। କୁଟା ମଧ୍ୟ ଦେଖିବା ପରି ସହର। ଏହା ରାତ୍ର ପର୍ଯ୍ୟଟନ ପାଇଁ ଖ୍ୟାତ। ପ୍ରତିବର୍ଷ ଇଣ୍ଡୋନେସିଆ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ବାଲିରେ ଅନୁଷ୍ଠିତ ହୁଏ।

ବାଲି ପ୍ରବାଳ ତ୍ରିକୋଣର ଅଂଶ।



ଏଠାରେ ସାମୁଦ୍ରିକ ଜୈବ ବିବିଧତା ଅଧିକ। ଏଠାରେ ୫୦୦ରୁ ଅଧିକ ପ୍ରବାଳ ପ୍ରାଚୀର ଏବଂ ପ୍ରବାଳର ଅଧିକାଂଶ ପ୍ରଜାତି ଦେଖାଯାଆନ୍ତି।

ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରୁ ବାଲିରେ ଜନବସତି ଅଛି। ଅଷ୍ଟ୍ରୋନେସିୟମାନେ ପ୍ରଥମେ ଏଠାକୁ ଆସିଥିଲେ। ଦକ୍ଷିଣ-ପୂର୍ବ ଏସୀୟରୁ ଏଠାକୁ ଆସିଥିଲେ। ସଂସ୍କୃତି ଏବଂ ଭାଷାରେ ମାଲେସିଆ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଓସିଏନିଆ ସହ ଏହାର ସମାନତା ରହିଛି। ପୁରାତନ ବାଲିରେ ୯ଟି ହିନ୍ଦୁ ସଂପ୍ରଦାୟ ଥିଲା। ପ୍ରତ୍ୟେକ ସଂପ୍ରଦାୟର ସ୍ୱତନ୍ତ୍ର ଦେବତା ଥିଲେ। ଏଠାରେ ହିନ୍ଦୁମାନେ ଭାରତୀୟମାନଙ୍କ ପରି ଚାରୋଟି ବର୍ଣ୍ଣ ବ୍ୟବସ୍ଥାକୁ ମାନନ୍ତି। ବ୍ରାହ୍ମଣମାନେ ଜାତି ବ୍ୟବସ୍ଥାରେ ଶୀର୍ଷରେ ଥିବାବେଳେ ଶୂଦ୍ରମାନେ ତଳସ୍ତରରେ ଅଛନ୍ତି। ବାଲିର ସଂସ୍କୃତି ଭାରତୀୟ, ଚୀନା ସଂସ୍କୃତି ଦ୍ୱାରା ପ୍ରଭାବିତ। ପ୍ରଥମ ଖ୍ରୀଷ୍ଟାବ୍ଦରେ ଏଠାରେ ହିନ୍ଦୁ ସଂସ୍କୃତି ଥିବାର ପ୍ରମାଣ ମିଳିଛି। ବାଲି ପ୍ରଥମେ ସ୍ୱାଧୀନ ଥିଲା। ୧୫୯୭ ଖ୍ରୀଷ୍ଟାବ୍ଦରେ ଡଚ୍ ଭ୍ରମଣକାରୀ କର୍ଣ୍ଣେଲେସ୍ ଡି ହଟ୍‌ମ୍ୟାନ୍ ବାଲିରେ ପହଞ୍ଚିଲେ ଏବଂ ୧୬୦୨ ମସିହାରେ ସେଠାରେ ଡଚ୍ ଇଷ୍ଟଇଣ୍ଡିଆ କମ୍ପାନୀ ସ୍ଥାପନ ହେଲା। ୧୮୯୦ ଦଶକର ଶେଷ ବେଳକୁ ବାଲି ରାଜବଂଶ ଏବଂ ପର୍ତ୍ତୁଗୀଜମାନଙ୍କ ମଧ୍ୟରେ ଜୋରଦାର ସଂଘର୍ଷ ଆରମ୍ଭ ହୋଇଥିଲା। ୧୯୪୯ ମସିହାରେ ଡିସେମ୍ବର ୨୯ ତାରିଖରେ ଏହା ସ୍ୱାଧୀନ ହେଲା।

ବିଷୁବ ରେଖାଠାରୁ ୮ଡିଗ୍ରୀ ଦକ୍ଷିଣରେ ଥିବାରୁ ଏଠାରେ ବର୍ଷସାରା ଭଲ ଜଳବାୟୁ ଥାଏ। ଦିନର ତାପମାତ୍ରା ୨୦ରୁ ୩୩ଡିଗ୍ରୀ ମଧ୍ୟରେ ରହୁଥିବାବେଳେ ପାର୍ବତ୍ୟାଞ୍ଚଳଗୁଡ଼ିକ ଏହାଠାରୁ ସାମାନ୍ୟ ଥଣ୍ଡା। ଅକ୍ଟୋବରରୁ ଏପ୍ରିଲ୍ ପର୍ଯ୍ୟନ୍ତ ପଶ୍ଚିମା ମୌସୁମୀ ପ୍ରଭାବରେ ବର୍ଷା ହୁଏ। ମୌସୁମୀ ବ୍ୟତୀତ ଅନ୍ୟ ସମୟରେ ଆର୍ଦ୍ରତା ଖୁବ୍ କମ୍ ଏବଂ ସମତଳ ଅଞ୍ଚଳରେ ବର୍ଷାଦିନ ଛାଡ଼ିଦେଲେ ଅନ୍ୟ ସମୟରେ ବର୍ଷା ହୁଏ ନାହିଁ।

ବାଲିର ନିବାସୀମାନେ ନବବର୍ଷକୁ ନ୍ୟେପି ଭାବରେ ପାଳନ କରନ୍ତି। ଏହାର ନିରବତାର ଦିନ। ଏହିଦିନ ପ୍ରତ୍ୟେକ ଲୋକ ଘରେ ରୁହନ୍ତି ଏବଂ ପର୍ଯ୍ୟଟକମାନଙ୍କୁ ହୋଟେଲ ଭିତରେ ରହିବା ପାଇଁ ପରାମର୍ଶ ଦିଆଯାଏ। ନୂଆବର୍ଷ ପୂର୍ବଦିନ ବଡ଼ ବଡ଼ ପୁତ୍ତଳିକାକୁ ଶୋଭାଯାତ୍ରାରେ ନେଇ ଦାହ କରାଯାଏ। ବିଶ୍ୱାସ କରାଯାଏ ଏହା ଦୁଷ୍ଟ ଆତ୍ମାକୁ ଦୂରେଇ ରଖିବ। ବାଲିରେ ଭାରତୀୟ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମର ମିଶ୍ରଣ। ହିନ୍ଦୁ ଦେବଦେବୀଙ୍କ ସହ ବୌଦ୍ଧ ସନ୍ଥମାନଙ୍କୁ ପୂଜା କରାଯାଏ। ଏହାବ୍ୟତୀତ ପୂର୍ବପୁରୁଷମାନଙ୍କୁ, କୃଷିର ଦେବତାମାନଙ୍କୁ ଏବଂ ପବିତ୍ର ସ୍ଥାନଗୁଡ଼ିକୁ ମଧ୍ୟ ହିନ୍ଦୁମାନେ ପୂଜା କରନ୍ତି।



